


ଦାଣ୍ଡଘର କଣରେ ଗୋଟିଏ କନ୍ଥା ଉପରେ ଏପଟ ସେପଟ କର ଲେଉଟାଉଥିବା ସେଇ ଶୁଭ୍ରକେଶୀ, ବିଗତ ଯୌବନା, ଚଳତ୍ ଶକ୍ତି ବିହୀନା ଅନେକ ଅନୁଭୂତିର ଗନ୍ତାଘର, ମୋ' ଘର ଇତିହାସର ଗୋଟାଏ ଏନ୍‌ସାଇକ୍ଲୋପେଡ଼ିଆ ସେ ବୃଦ୍ଧାଲୋକଟି ମୋର ବୋଉ ବ୍ୟତୀତ କେହି ହୋଇ ନ ପାରନ୍ତି । ତାର କର୍ତ୍ତୃତ୍ୱ ଏ ଘରେ ମଉଳି ଯାଇଛି । ନୂଆ ନୂଆ କଲେଜ ଡିଗ୍ରୀଧାରୀ, ନୂଆ ନୂଆ ସ୍ଥାନମାନଙ୍କରୁ ମାନେ, ଗ୍ରାମମାନଙ୍କରୁ ଆମ ଘରକୁ ଆମଦାନୀ ହୋଇଥିବା କେତେଗୋଟି ବୋହୂ ନାମଧାରୀ ବିଶେଷତ୍ୱ ଥିବା ଜୀବମାନଙ୍କର ସାମୟିକ ଉତ୍ପୀଡ଼ନ ଏବଂ ବାକ୍ୟ ବାଣରେ ବେଳେ ବେଳେ ତୀବ୍ର ଦ୍ରଷ୍ଟା ଏବଂ ଜର୍ଜରିତା ସେଇ ବୋଉ ନାମଧାରୀ ଚରିତ୍ରଟା ଆଜି ଦାଣ୍ଡଘରର କଣରେ ଗୋଟାଏ କନ୍ଥା ଉପରେ ବିଶ୍ରାମ ନେବାରେ ବା ଲୋଟି ପଡ଼ିବାଟାରେ ସେପରି କିଛି ବିଚିତ୍ରତା ନାହିଁ । ଏଇ ବୋଉ ନାମଧାରୀ ସ୍ତ୍ରୀ ଚରିତ୍ର ଗୁଡ଼ାକ ଆଜିକାଲିର ଚାକଚକ୍ୟପୂର୍ଣ୍ଣ ଶିକ୍ଷିତ ସମାଜରେ ଯେପରି ଅଲୋଡ଼ା ଏବଂ ଅପାଂକ୍ତେୟ ହୋଇ ପଡ଼ିଛନ୍ତି । ସେମାନଙ୍କର କଥାବାର୍ତ୍ତାର ଢଙ୍ଗ ଆଜିର ଭବ୍ୟ ସଭ୍ୟ ସମାଜରେ, ସାମୟିକ ଭାବରେ କଲେଜ ଦୁଆର ମାଡ଼ିଥିବା ବୋହୂ ନାମଧାରୀ ଜାତି ବିଶେଷ ଯେପରି ଆଗରୁ 'ଓଳିଆରୁ ପଡ଼ି ଗଜା' ଢଙ୍ଗରେ ବାପଘରୁ କଥାବାର୍ତ୍ତାର ସାରା ଅଭିଧାନଟାକୁ ମୁଖସ୍ଥକରି ଶ୍ଳେଷାତ୍ମକ ପ୍ରୟୋଗ କରିବାରେ ସାମାନ୍ୟତମ ଦ୍ୱିଧା

ପ୍ରକାଶ କରନ୍ତି ନାହିଁ । ବୋଉର ଯେପରି କୌଣସି କଥାରେ ଡାକିବା, କହିବା, ସଲାହ ଦେବା, ପଚାରିବାର ଅଧିକାର ଏ ସମାଜରେ ନାହିଁ । ସେ ଯଦି କେବେ ଡାକେ ବା କହେ, ସେ ଡାକଟା ହୁଏତ ବୋହୂମାନଙ୍କ ପ୍ରତି ପ୍ରଯୁଜ୍ୟ ନ ହୋଇଥିଲେ ବି, ବା ଅନ୍ୟ ଯାହାପ୍ରତି ଉଦ୍ଦିଷ୍ଟ ହୋଇଥିଲେ ବି, ବୋହୂମାନେ ସାଥୀ ସାଥୀ ଆଶୁ ଉତ୍ତର ଦେଇଥାନ୍ତି ଏବଂ ମନେ ମନେ ବୋଧକରୁ ଭାବନ୍ତି ଏ ସୁଆଗିଆ ଡାକ କ'ଣ ପାଇଁ ? ଆଉ କିଛି ବରାଦ ବାକି ରହିଗଲା କି ? ତୁମ ପୁଅ ତ ଗଲେ କହିଲନି ଲୁଚେଇ ନେଇ ଆସିଥାନ୍ତେ ଇତ୍ୟାଦି । ପ୍ରକାଶ ଥାଉକି ଏତେବେଳ ଯାଏଁ, ତା'ର କଣ ଦରକାର, ଘରର ଭଲ ମନ୍ଦ, ପଡ଼ିଶାଘରର କାହାକୁ ଡାକିବା, ଗେଲରେ ନାତି ବା ନାତୁଣୀକୁ ପାଖକୁ ଡାକିବା ଇତ୍ୟାଦି ବୋଉର ପାଟିରୁ ନ ବାହାରିଥିବା ବେଳେ, ବୋହୂମାନେ ଯେପରି ଅନ୍ତର୍ଯ୍ୟାମୀ, ସାରା ସଂସାରର କଥା ସେମାନଙ୍କ ମେମୋରୀ କ୍ଲିପ୍‌ରେ ବହୁ ଆଗରୁ ଗଚ୍ଛିତ ହୋଇ ରହିଛି, ସେଇ ଢଙ୍ଗରେ ଫଇସଲା ଦେଇ ଦିଅନ୍ତି । ସେ ଜୀବର କାହାକୁ ପ୍ରତୀକ୍ଷା, ଶୁଣିବାର ଧୈର୍ଯ୍ୟ, ଦେଖିବାର ମାନସିକତା, ସ୍ନେହର ପ୍ରାସଙ୍ଗିକତା ଇତ୍ୟାଦି କିଛି ଯେପରି ନଥାଏ ।

ପୁଅ ହିସାବରେ ବୋଉ ପାଖରେ ଶୈଶବର ଅଭୁଲା ସ୍ମୃତି ଚାଖିଥିବା ମୋ'ପରି ଗୋଟାଏ ଜୀବ, ବେଳେ ବେଳେ ମୋ ସ୍ତ୍ରୀର ଟାହି-ଟାପରାକୁ ନମାନି, ବୋଉର ସେଇ ହେଁସ ଓ କନ୍ଥାର ମୁହୂର୍ମୁହୂ ବାସନା ଆକଣ୍ଠ ଆଘ୍ରାଣ କରି ଜୀବନର ବିଗତ ଦିନମାନଙ୍କର ସ୍ମୃତି ମନ୍ଥନ କରିବାର ଜାଗରିତ ଅଭୀପ୍‌ସାର ପରିସମାପ୍ତି ଘଟାଇବାରେ ଚେଷ୍ଟିତ ହୁଏ । ମୋର ଶୈଶବାବସ୍ଥାରୁ ଏ ଯାବତ୍ ଓଢ଼ଣା ତଳେ ଅଖଣ୍ଡ କ୍ଷମତା ଜାହିର କରି ଆସିଥିବା, ଆମପରି ନିରୀହ ଜୀବମାନଙ୍କୁ ସମାଜରେ ଠିଆ ହୋଇ ଶିଖିବାଠାରୁ ପ୍ରତିଷ୍ଠିତ କରିଥିବା ବୋଉ ତା'ର ପୁଅକୁ ପାଖକୁ ଡାକି କିଛି କହିବାରେ ତା'କୁ ଡର ମାଡ଼େ ଯେପରି । ତା' ପାଖରେ ପହଞ୍ଚିଲେ ପ୍ରଥମ ପ୍ରଶ୍ନ ହୁଏ କ'ଣ ପାଟିରେ କିଛି ପକାଇଲୁଣି ? ଏ ପ୍ରଶ୍ନରେ ମୋ'ପରି ଜଣେ ପ୍ରଗଲ୍‌ଭ ପ୍ରୌଢ଼ ବ୍ୟକ୍ତି ବିଶେଷ ଟିକିଏ ଅଡୁଆରେ ପଡ଼ିଯାଏ । ମୋର ମନରେ ଅନେକ ଅସମାହିତ ପ୍ରଶ୍ନମାନଙ୍କ ମଧ୍ୟରୁ ଗୋଟାଏ ପ୍ରଶ୍ନ ଜାଗରିତ ହୁଏ ଯେ ବୟସ ବଢ଼ିଗଲେ କ'ଣ ଖାଇବାର ଶ୍ରଦ୍ଧା ବେଶୀ ବଢ଼ିଯାଏ ମନୁଷ୍ୟର ? ତା' ନହେଲେ ମୋର ବୋଉ ବୟସର ସମସ୍ତ ବୋଉମାନଙ୍କ ମନରେ ଏପରି ପ୍ରଶ୍ନ ଉଙ୍କିମାରେ କାହିଁକି ? ମୁଁ ବି ଅଜଣା ଭୟରେ ଶିହରି ଉଠେ କାରଣ ମୋର ବୟସ ବଢ଼ିଗଲେ ଯଦି ମୋର ଅପତ୍ୟମାନଙ୍କୁ ଏପରି ପ୍ରଶ୍ନ ମୁଁ ଅନ୍ତତଃ କରିବସେ, ତେବେ ପରିବାରରେ ମୋର ଲୋଡ଼ା ଅଲୋଡ଼ାରେ ହିଁ ରହିଯିବ ।

ମୋର ମନେପଡ଼େ ବୋଉ ନାମକ ଏ ପକ୍ୱକେଶୀ ଜୀବଟା ତା' ଜୀବନରେ ବୋହୂ ହେବାବେଳେ ବୋଧହୁଏ ବଡ଼ ପାଟିରେ କଥାହେବା ଶିଖି ନଥିଲା । ଜେଜେବାପା ଓ ଜେଜେମା'ଙ୍କର ଘରେ ଅଖଣ୍ଡ ପ୍ରତିପତ୍ତି । ବୋହୂ ରୋଷେଇବାସ ସାରି ପାଦରେ ହାତରେ ନଦେଲେ, ସେ ଏ ଘରର ବୋହୂ ନୁହେଁ ଯେପରି । କହିବା ବାହୂଲ୍ୟ ଯେ ଆମ ବୋଉ ଚୁପି ଚୁପି ବୋହୂ ହେବାଠାରୁ ଆରମ୍ଭ କରି ଆଜି ବୋହୂକୁ କାମ କାର୍ଯ୍ୟରେ ସାହାଯ୍ୟ କରିବାରେ ସୀମିତ ହୋଇ ଯାଉଛି । ଆସନ୍ତା ସମୟରେ ଯେ ବିରାଟ ପରିବର୍ତ୍ତନ ହୋଇ ଗଲାଣି ତାହା ସମସ୍ତେ ଅଂଗେ ଅଂଗେ ଅନୁଭବ କଲେଣି । ପୁଣି ବୋହୂ ଯଦି ଚାକିରି କରିଥାଆନ୍ତି ତେବେ ଶାଶୁମାନେ ମାନେ, ବୋଉମାନେ ବୋହୂମାନଙ୍କର ସେବା କରିବା ଏକାନ୍ତ କାମ୍ୟ ଓ ବିଧେୟ ।

ଆଜିର ବୋଉ ମାନେ ଘରର ସୁରକ୍ଷାର ପ୍ରଥମ ବଳୟରେ ନିୟୋଜିତ ରହନ୍ତି । କାରଣ ବାହାରୁ କେହି ଆସିଲେ ପ୍ରଥମ ଦାଣ୍ଡଘର ଦେଇ ଯିବାକୁ ପଡ଼େ । ତା'ପର ବଳୟରେ ଆମ ପୋଷା କୁକୁରୀ ଟମୀ ମୁକରିର ହୋଇଥାଏ । ଘରକୁ ଯିଏ ଆସିଲେ ତାର ବାପ ଗୋସାଇଁବାପ ଯୁଗରୁ ସମସ୍ତଙ୍କର ପରିଚିତି ପରେ ବୋଧହୁଏ ବୋଉ ଇଜାଜତ୍ ଦିଏ ଆଗନ୍ତୁକଙ୍କୁ ଭିତରକୁ ଯିବା ପାଇଁ । ବୋଉ ଯେ ଗୋଟାଏ ସାଲିସଯୁକ୍ତ, ବିନା ଅଭିଯୋଗକାରୀ ଚରିତ୍ର ସେଥିରେ ମୋର କ'ଣ କାହାର କହିବାର ସୁଯୋଗ ନ ଥାଏ । ଘରର ଶାଗ ବା ତରକାରୀ ଅଲଣା ବା ଦରସିଝା ହେଲେ, ସେ କହେ ନିଆଁପାଣି କଥା, କ'ଣ ହୋଇଯାଇଥିବ । ଡାଲିରେ ଲୁଣ ନ ପଡ଼ିଲେ କହିବ ବୋହୂ ତା'ର ବ୍ୟସ୍ତତା ଭିତରେ ହୁଏତ ଲୁଣ ପକାଇବାକୁ ଭୁଲି ଯାଇଥିବ । ସକାଳ ଚା'ଟା ଡେରିହେଲେ ବା ଦିଆ ନ ଗଲେ ବି ତାର କୌଣସି ଅଭିଯୋଗ ନଥାଏ । ବେଳେ ବେଳେ ମୁଁ ବୋଉ ପାଖରେ ଅଭିଯୋଗ ଆଣେ ଯେ ତାର ପାଟି ମୋଟେ ନ ଖୋଲିବାର ଉପାୟଟା କଣ ? ତାର ପ୍ରତ୍ୟୁତ୍ତରରେ ବୋଉ କହେ ଆରେ ଏ ପାଟି ପ୍ରଥମରୁ ଫିଟିନାହିଁ । ଯେଉଁ ପାଟି ଆଠ ଦଶନ୍ଧି ଧରି ବନ୍ଦ ଅଛି, ତେବେ ଆଜି ଖୋଲିବାର ସଂଭାବନା ବି ରହି ନ ପାରେ ।

ମୋର ଅବୁଝା ବେପରୁଆ ମନଟା ବେଳେବେଳେ ବୋଉର ହେଁସ ପାଖରେ ପହଞ୍ଚିଯାଏ । ତା'ର ଟମ ଧୁଡୁ ଧୁଡୁ ଦେହଟାକୁ ଦେଖିଲେ, ମୋର ମନ ମଧ୍ୟରେ ବିଦ୍ରୋହର ସୂତ୍ରପାତ ହୁଏ । ମୁଁ ତ ଭଗବାନଙ୍କୁ କେବେ ଦେଖି ନାହିଁ । ଯଦି ବି କେବେ ଦେଖାହେବ ତେବେ ପଚାରିବି ଅନ୍ତତଃ ଏପରି ଏକ ସର୍ବଂସହା ଚରିତ୍ର ସେ ସୃଷ୍ଟି କରିଛନ୍ତି କ'ଣ ପାଇଁ ? ସମାଜର ଭାରସାମ୍ୟ ରକ୍ଷାପାଇଁ ଧର୍ମର ବ୍ୟୁତ୍ପତ୍ତି ନିଶ୍ଚୟ ରହିବ । ବୋଉମାନେ ଯେ ଧର୍ମର ଜଣେ ଜଣେ ଧ୍ୱଜାଧାରୀ । ତେବେ ସେମାନେ ଏତେ ଦୀର୍ଘଦିନ ଏ ସମାଜରେ

କ'ଣ ପାଇଁ ବଞ୍ଚନ୍ତି ? ଯାହାହେଉ ବୋଉ ଧର୍ମର ସାଧନା ଯୋଗୁଁ ଘରେ ମୃତ୍ୟୁର ସ୍ୱାଦ ଚାଖି ପାରିବ । ଆମେ ହୁଏତ ଯୁଗର ଅଗ୍ର ଧାବନଯୋଗୁଁ କେଉଁ ବୃଦ୍ଧାବସ୍ଥା ଗୃହ ବା ଜରାନିବାସ ବାରଣ୍ଡାରେ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ହେବ ।

ବୋଉକୁ ନାତି ବା ନାତୁଣୀମାନେ ପଚାରିଲେ ମା ! ତୁ କେବେ ମରିବୁ ? ସେ ତତ୍‌କ୍ଷଣାତ୍ କହି ଉଠେ ଯେ ଯମ ତାର ନାଁ ପାଞ୍ଜିରୁ କାଟି ଦେଇଛି । ସେଇଥିପାଇଁ ତାର ସ୍ଥିତି ଅଜର ଅମର ଯାହା ଆଜିର ଅପତ୍ୟମାନଙ୍କୁ ଅସହ୍ୟ ହୋଇପଡ଼େ ।

ମୋ' ପରି ଜଣେ ପ୍ରୌଢ଼ ଲେଖକର ମନରେ ସ୍ୱତଃ ପ୍ରଶ୍ନଉଠେ ''ମା' ବୋଲି ଯେଉଁ ନାଆଁଟି କିଏ ବାଛିଲା ସତେ, ତାଠୁ ବଳି ଆଉ ମଧୁର କିଛି ନ ଲାଗେ ମୋତେ''କି ସୁନ୍ଦର ତର୍ଜମା ସତେ । ବୋଉର ବୟସଟା ଯେତେ ବଢ଼ି ବଢ଼ି ଯାଏ, ଏ ଉକ୍ତିର ପ୍ରାସଙ୍ଗିକତା ସେତେ କମି କମି ଯାଏ । ଯେଉଁ ସମାଜ ବୋଉର କାର୍ଯ୍ୟଦକ୍ଷତା, ତା'ର ସ୍ନେହ, ତା'ର ପ୍ରେମ, ତା'ର ବାତ୍ସଲ୍ୟ ତାର ମମତା ସେ ଦକ୍ଷ ଥିବା ପର୍ଯ୍ୟନ୍ତ ଦେଖି ଆସୁଥିଲା । ଆଜି ତା'ର ପରିଣତ ବୟସରେ ଯେତେବେଳେ ସେ ପୂଜାର ଯୋଗ୍ୟା, ସେତେବେଳେ ଘରର କୁକୁରୀ ଟମୀଠାରୁ ଆହୁରି ସ୍ୱର୍ଣ୍ଣକାତର ସ୍ଥାନରେ ସ୍ଥାନିତ କରିବାର ପ୍ରାସଙ୍ଗିକତା କିପରି ଆସେ ? ଏହାର ମାନେ ଏହା ଯେ ବୋଉମାନଙ୍କର ମରଣରେ ମଧ୍ୟ ସେମାନେ ସନ୍ତାନର ସୁରକ୍ଷା ପାଇଁ ଦକ୍ଷା ।

ମହାପୁରୁଷମାନେ କହିଥିବା କଥା ଆଜି ଯଦି ମହତ୍ତ୍ୱ ପ୍ରତିପାଦନ କରେ ଯଥା, ''ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'' ତେବେ ମୋର ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ବୋଉ କାର୍ଯ୍ୟକ୍ଷମ ଥିବା ପର୍ଯ୍ୟନ୍ତ ଏ ଉକ୍ତିର ତାତ୍ପର୍ଯ୍ୟ ରହିଛି । ଯେତେବେଳେ ସେ କାମ କରି ନପାରେ ସେତେବେଳେ ଦାଣ୍ଡଘର କୋଣରେ ଅଲୋଡ଼ା ଅପାଂକ୍ତେୟ ହୋଇ ପଡ଼ିରହେ । ଅନପୋଯୋଗୀ ହୋଇଉଠେ ଏ ସଂସାରରେ ।

''ତଳ ବରଡ଼ା ଖସୁଛି'' ଉକ୍ତିରେ ବୋଉମାନେ ଆସନ୍ତା କାଲି ମୃତ୍ୟୁର ସ୍ୱାଦ ଚାଖିବା ସୁନିଶ୍ଚିତ । ହେଲେ ହେ ଏ ସଂସାରର ଅପତ୍ୟମାନେ ! ତୁମ୍ଭେମାନେ ଆତ୍ମଜ୍ଞାନର ବିଶ୍ଳେଷଣ କର । ବୋଉ ଯେ ବୁଢ଼ୀ ହେବାରେ ତା'ର ଯେତେ ଅନୁଭୂତି ଏ ଗତାନୁଗତିକ ସଂସାର ବିଷୟରେ ଅଛି, ତା'ର ସମ୍ମାନ ଦେବା ଶିଖ । ''ଉପର ବରଡ଼ା ହସୁଛି'' ଉକ୍ତିରେ ଧ୍ୟାନ ନ ଦେଇ ଜୀବନ ସମୀକ୍ଷାକଲେ ଅନ୍ତତଃ ବୋଉମାନଙ୍କର ମଙ୍ଗଳ ହେବ, ଅପତ୍ୟମାନଙ୍କର ମଙ୍ଗଳ ହେବ । ସମାଜ ସୁସ୍ଥ ଓ ମଙ୍ଗଳମୟ ହୋଇ ଉଠିବ । ମଙ୍ଗଳମୟ ସମସ୍ତଙ୍କର ମଙ୍ଗଳ ବିଧାନ କରିବେ ।